ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 30-01-2024

ମୟୁରଭଞ୍ଜ(ଓଡିଶା) - :2024-01-30 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-01-31 | 2024-02-01 | 2024-02-02 | 2024-02-03 | 2024-02-04 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 5.0 | 5.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 28.0 | 26.0 | 26.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 15.0 | 16.0 | 14.0 | 13.0 | 15.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 77 | 76 | 87 | 79 | 50 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 36 | 35 | 41 | 33 | 26 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 11 | 10 | 11 | 9 | 7 |
| ପବନର ଦିଗ (ଡିଗ୍ରୀ) | 201 | 198 | 167 | 158 | 162 |
| ମେଘାଚ୍ଛନ (ଅକ୍ଟା) | 4 | 6 | 7 | 7 | 0 |

## ପାଣିପାଗ ସାରାଂଶ/ସତର୍କ:

| |
|---|
| ସ୍ୱଛରୁ ସାଧାରଣତ ମେଘୁଆ ଆକାଶ ସହିତ ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୭.୦ ରୁ ୧୧.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୨୬.୦°C ରୁ ୨୯.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୧୩.୦°C ରୁ ୧୬.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୫୦ ରୁ ୮୭ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୨୬ ରୁ ୪୧ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| ବର୍ଷା ହୋଇଥିବାରୁ ଗୁଣାତ୍ମକ ମାନର ଅବନତି ନହେବା ପାଇଁ ଅମଳକ୍ଷମ ଉତ୍ପାଦ ଅର୍ଥାତ୍ ପରିପକ୍ୱ ଫଳ, ପନିପରିବା ଏବଂ ଫୁଲକୁ ଅମଳ କରାଯିବା ଏବଂ ବିକ୍ରି କରାଯିବା ବ୍ୟବସ୍ତା କରନ୍ତୁ \| ଡାଲୁଅ ଧାନ ତଳିରେ ବାରମ୍ବାର ହାଲୁକା ଜଳସେଚନ କରନ୍ତୁ । ପନିପରିବା ଫସଲ ବିଶେଷ କରି ଏହାର ଚାରା ଗୁଡିକ ଶୀତଳହରି ଦ୍ୱାରା ପ୍ରଭାବିତ ହୋଇଥାଏ । ସନ୍ଧ୍ୟାରେ ପନିପରିବା ଫସଲକୁ ଜରି ଦ୍ୱାରା ବାଉଁଶ ରେ ବାନ୍ଧି ଘୋଡାଇ ଦିଅନ୍ତୁ । ଏହିପରି ଜରି ବ୍ୟବହାର କରନ୍ତୁ ଯେଉଁଥିରେ କଣା ନ ଥିବ । ଜରିଟିକୁ ଏହି ପରି ଭାବେ ଘୋଡାନ୍ତୁ ଯେପରି ଏହା ଫସଲ କୁ ଛୁଇଁବ ନାହିଁ । ସକାଳ ସମୟରେ ଏହି ଜରିକୁ ଉଠାଇ ଦିଅନ୍ତୁ । ବର୍ତ୍ତମାନ କେତେକ ସ୍ଥାନରେ କୁହୁଡ଼ି ପାଇଁ ଫସଲ ମାନଙ୍କରେ ସମ୍ଭାବ୍ୟ କ୍ଷତି ହେବାର ସମ୍ଭାବନା ରହିଛି । କୃଷକମାନେ ପାକଳ/ପାଚିଲା ଫସଲ ଅମଳ କରନ୍ତୁ । ରାତିର ତାପମାତ୍ରା କମ୍ ରହୁଥିବାରୁ ତଳିଘରାରେ ତଳି ଭଲ ବଢିବା ପାଇଁ ଶୁଖିଲା ଖତକୁ ଗୁଣ୍ଡ କରି ପ୍ରୟୋଗ କରନ୍ତୁ, ଯଦ୍ୱାରା ତାପମାତ୍ରା ଅଧିକ ରହିବ ଓ ତଳି ଭଲଭାବରେ ବଢିବ । କୃଷକମାନେ ଘାସ ବାଛନ୍ତୁ ଏବଂ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । ଅଧିକ ଆର୍ଦ୍ରତା ଯୋଗୁଁ ରୋଗ ଓ ପୋକ ଅଧିକ ହେବାର ସମ୍ଭାବନା ରହିଛି । କୃଷକମାନେ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିପାରିବେ । ମହୁମାଛି ମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକକୁ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧକୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଂଚନ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କାଣ୍ଡବିନ୍ଧା ପୋକର ଦମନ ପାଇଁ ଧାନ ଚାରା କୁ ୦.୨% କ୍ଲୋରପାଇରିଫସ ଦ୍ୱାରା ୧୦-୧୨ ଘଣ୍ଟା ବିଶୋଧନ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇବାକୁ ଯାଉଛନ୍ତି, ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି, ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଜମିରେ ଜିଙ୍କ ଅଣୁସାର ଅଭାବ ଦେଖାଯାଉଥିଲେ ପ୍ରତି ୩ ବର୍ଷରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ୨୧ ଶତକଡା ଅଣୁସାର କୁ ଶେଷ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ । ୨୦ ରୁ ୨୫ ଦିନ ର ତଳି କୁ ଧାଡିରେ ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ ରେ ରଖି ବୁଦା ପ୍ରତି ୨-୩ ଟି ତଳି ଲଗାନ୍ତୁ । |
| ମୁଗ | ସାହେବୀ ରୋଗ ନହେବା ପାଇଁ ସାହେବୀ ରୋଗ ନିରୋଧୀ କିସମ ଯଥା ପିଡିଏମ ୧୩୯, ପିଡିଏମ ୧୧ ଚୟନ କରନ୍ତୁ କିମ୍ବା ସାହେବୀ ରୋଗ ହେଇନଥିବା ଗଛରୁ ବିହନ ସଂଗ୍ରହ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ ବିହନ ରେ ୭ ଗ୍ରାମ ଇମିଡ଼ାକ୍ଲୋପ୍ରିଡ ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ । ଗଛ ୨-୩ ପତ୍ର ହେବା ଅବସ୍ଥାରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ଧଳାମାଛି ମାନେ ହଳଦିଆ ରଙ୍ଗ ପ୍ରତି ଆକୃଷ୍ଟ ହୋଇ ଯନ୍ତା ଅଠାରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ସୋରିଷ | ସୋରିଷ ଫସଲ ବର୍ତମାନ ଫୁଲ ଫୁଟିବା ଅବସ୍ଥାରେ ଅଛି । ବିଗତ ଦିନରେ ଜିଲ୍ଲାରେ ବର୍ଷା ଯୋଗୁଁ, ଅତ୍ୟଧିକ ଆର୍ଦ୍ରତା ଏବଂ କମ୍ ତାପମାତ୍ରା ହେତୁ ସୋରିଷ ଫସଲ ରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହା ସହ ଅତ୍ୟଧିକ ଆର୍ଦ୍ରତା ହେତୁ ଧଳା କଳଙ୍କି ରୋଗ ମଧ୍ୟ ଲାଗିପାରେ । ବର୍ଷା ଛାଡିଗଲା ପରେ ଏହି ରୋଗର ନିରାକରଣ ନିମନ୍ତେ ରାସାୟନିକ ଉପାୟରେ ୩.୫ ମିଲି ମେଟାଲାକ୍ସିଲ କିମ୍ବା ୨.୫ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ କୁ ପ୍ରତି ଲିଟର ପାଣି ରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ଲାଗିବାର ସମ୍ଭାବନା ରହିଛି । ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦-ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ଏବଂ ଚିତ୍ରିତ ବଗ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକିର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନକି ଉପାୟରେ ଜଉ ପୋକ ଏବଂ ଚିତ୍ରିତ ବଗ କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମିଲି Imidachloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମହୁମାଛିମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକ କୁ ପ୍ରୟୋଗ କରନ୍ତୁ । |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଦାମ | ବର୍ତ୍ତମାନର ପାଣିପାଗ, ଦିନରେ ଉଚ୍ଚ ତାପମାତ୍ରା ଏବଂ ନିମ୍ନ ରାତିର ତାପମାତ୍ରା ଯୋଗୁ ବାଦାମ ଫସଲରେ ଯଉପୋକ ଏବଂ ଉକୁଣିଆ ପୋକ ଆକ୍ରମଣର ସମ୍ଭାବନା ବଢିଯାଏ । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି- Profenophos ନାମକ କୀଟନାଶକ କିମ୍ବା ୪୦୦ ମିଲି- Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କାକୁଡି | ବର୍ଷା ପରେ କୁହୁଡି ଜନିତ ପାଗ ହେତୁ ଦଙ୍କଜାତୀୟ ପନିପରିବା ଯଥା କଖାରୁ, ଲାଉ, କାକୁଡି ଏବଂ ଝୁଡୁଙ୍ଗ, ବିନ, ମୁଗ, ବିରି ଆଦି ଫସଲରେ ପାଉଁଶିଆ ରୋଗ ସମସ୍ୟା ବୃଦ୍ଧିପାଇପାରେ, ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୪ ଗର୍ମ ହିସାବରେ ସଲଫର ୮୦% ସେଚିତ ଗୁଣ୍ଡ କିମ୍ବା ୨ ଗ୍ରାମ ଟେବୁକୋନାଜୋଲ ୧୦% + ସଲଫର ୬୫% ମିଶାଇ ପ୍ରୟୋଗ କରନ୍ତୁ । |
| ଫୁଲକୋବି | ବର୍ତ୍ତମାନ ସମୟରେ ମେଘୁଆ ଓ ଘନ କୁହୁଡି ପାଗ ଯୋଗୁଁ କୋବି ଜାତୀୟ ଫସଲରେ ଅଲ୍ଟରନାରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ନିମନ୍ତେ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ carbendazim ଓ Mancozeb ର ମିଳିତ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ପିଆଜ ଫସଲରେ ବାଦାମି ବ୍ଲଚ ଏବଂ ପତ୍ରପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୧୦୦ ମିଲି Tebuconazole ନାମକ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । ପିଆଜ ଗଛର ପତ୍ର ଅଧିକ ଚିକ୍କଣ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
| --- | --- |
| | ହୋଇଥିବାରୁ ଔଷଧ ସିଞ୍ଚନ କଲାପରେ ତଳ କୁ ଖସି ଆସେ, ତେଣୁ କୀଟନାଶକ ସହ ଏକର ପ୍ରତି ୨୦୦ ମିଲି ଷ୍ଟିକର କିମ୍ବା ସ୍ପ୍ରେଡର ମିଶାଇ ସିଞ୍ଚନ କରନ୍ତୁ । |
| ଆମ୍ବ | ବର୍ତ୍ତମାନ ସମୟରେ ମେଘୁଆ ଓ ଘନ କୁହୁଡି ପାଗ ଯୋଗୁଁ ଆମ୍ବ ଗଛରେ ଆମ୍ବ ଡାହାଣୀ ପୋକ ଲାଗିବାର ସମ୍ଭାବନା ରହିଛି । ଆମ୍ବ ଡାହାଣୀ ପୋକର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫ ଲିଟର ପାଣିରେ ୫ ମିଲି Imidacloprid ନାମକ କୀଟନାଶକ କିମ୍ବା ୫ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୪ ଗ୍ରାମ Acetamiprid ନାମକ କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । କୀଟନାଶକ କୁ ବଉଳ ଆସିବା ପୂର୍ବରୁ ଠାରେ ଏବଂ ଦୁଇ ସପ୍ତାହ ପରେ ଆଉଥରେ ସିଞ୍ଚନ କରନ୍ତୁ । ଏହା ଛଡା ଆମ୍ବ ବଗିଚା ର ଝଡା ପତ୍ର ସବୁ ସଂଗ୍ରହ କରି କୁହୁଡିଆ ବା ମେଘୁଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା ଗଛରେ କମିଯାଏ । |
| ଆଳୁ | ଆଳୁ ଫସଲରେ କଟା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ Chlorpyriphos ଗୁଣ୍ଡକୁ ହୁଡା ଉପରେ ପ୍ରୟୋଗ କରନ୍ତୁ । |
| ବନ୍ଧାକୋବି | ଆଗୁଆ ଲଗା ଯାଇଥିବା କୋବି ଫସଲରେ ବର୍ତ୍ତମାନ ସମୟରେ ଠିକିରି ପିଠିଆ ପୋକ ଲାଗିବାର ସମ୍ଭାବନା ରହିଛି । ଠିକିରି ପିଠିଆ ପୋକ ର ଶୁକ ଗୁଡକି ପତ୍ର ତଳପଟେ ପତ୍ର ଭିତର କୁ ପଶି ସବୁଜ ଅଂଶ କୋରି ଖାଆନ୍ତି । ଏମାନଙ୍କ ଦ୍ୱାରା ଆକ୍ରାନ୍ତ ପତ୍ର ଗୁଡିକ ଧଳା ଦିଶେ । ପରବର୍ତ୍ତୀ ଅବସ୍ଥାରେ ଏମାନେ ବନ୍ଧାକୋବି ଭିତରକୁ ପ୍ରବେଶ କରି ଏହାର କଅଁଳିଆ ମଝିପତ୍ର କୁ ଖାଆନ୍ତି ଏବଂ ମଳତ୍ୟାଗ କରନ୍ତି । ଆକ୍ରାନ୍ତ କୋବି ଖାଇବା ଅନୁପଯୋଗୀ ହୋଇଥାଏ । କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬-୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦-ଗ୍ରାମ Emamectin Benzoate 5 % SG କୁ, 200- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | ଟମାଟୋ ଫସଲରେ ଫଳବିନ୍ଧା ପୋକ ର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରି ଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି Heliure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ । ଟମାଟୋ ଫସଲରେ ଯଦି ଶତକଡା ୧୦ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ଉପାଯରେ ପରିଚାଳନା ପାଇଁ ଏକର ପ୍ରତି ୮୦ ମିଲି |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କ୍ଲୋରାନଟ୍ରାନିଲିପ୍ରୋଲ କିମ୍ବା ୪୦ ମିଲି ଫ୍ଲୁବେଣ୍ଡିଆମାଇଡ୍ କିମ୍ବା ୨୦୦ ମିଲି ଇଣ୍ଡୋକ୍ସାକାର୍ବ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ବାୟୁ ଚଳପ୍ରଚଳ କରୁଥିବା ଗୁହାଳ ଘରେ ରଖନ୍ତୁ । ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ, ଗାଈଗୋରୁ ଶୋଇବା ସ୍ଥାନରେ ନଡା ବିଛେଇ ଦିଅନ୍ତୁ । ଶୀତ ଦିନରେ ତାପମାତ୍ରା ହ୍ରାସ ପାଉଥିବାରୁ ଗାଈଗୋରୁ ମାନଙ୍କୁ ଅଧିକ ମାତ୍ରାରେ ଖାଦ୍ୟ ଆବଶ୍ୟକ ହୋଇଥାଏ । ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରାରେ ଖାଇବାକୁ ଦିଅନ୍ତୁ । ମଇଁଷି ଓ ଗାଈଗୋରୁ ମାନଙ୍କ ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ ଆଦି ଗୋଖାଦ୍ୟ ୩ କେଜି ହିସାବରେ ଦିଅନ୍ତୁ । |
| ଛେଳି | ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ ଜଣାଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଦୁର୍ବଳ ଚର୍ମ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି । ତେଣୁ ପଶୁମାନଙ୍କୁ ଉଚିତ୍ ଟୀକାକରଣ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | ଶୀତ ଋତୁରେ କୁକୁଡା ମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଠିକ ସମୟରେ ଟୀକାକରଣ କରନ୍ତୁ । |